## ସଂକ୍ଷେପରେ

### ସ୍ୱାସ୍ଥ୍ୟସେବା ଶିବିର



ଜୟପୁର,୧୪।୩(ନି.ପ୍ର.)-ଜୟପୁର ଖ୍ରୀଷ୍ଟିଆନପେଟାଠାରେ ମଙ୍ଗଳବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। କାଉନସିଲର ପ୍ରଣବ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ କେରଳର ଡାକ୍ତର ସଦାନନ୍ଦ ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ସହରର ଛୋଟାଗୁଡ଼ା, ବିଜୁ ରାଜନଗର, ଲିଙ୍ଗରାଜନଗର, ଝୁପୁଡି ସାହି, ପୁରୁଣାଗଡ଼ ଅଞ୍ଚଳର ପ୍ରାୟ ୫ ଶହ ରୋଗୀ ଚିକିତ୍ସା ସୁବିଧା ପାଇଥିଲେ।

### ସେବାର ବର୍ଷ ପୂର୍ତ୍ତି ପାଳିଲେ ସରପଞ୍ଚ

ଗୋବିନ୍ଦପାଲି,୧୪।୩(ଡି.ଏନ୍.ଏ.)-ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତରେ ମଙ୍ଗଳବାର ସରପଞ୍ଚ ଶ୍ରୀନିବାସ ମୁଦୁଲି ନିଜେ କରୁଥିବା ଲୋକଙ୍କ ସେବାର ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ୨୦୨୨ ଆଜିର ଦିନରେ ସେ ସରପଞ୍ଚ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ଲୋକଙ୍କ ସ୍ନେହ ଓ ଭଲପାଇବାକୁ ପାଥେୟକରି ସରପଞ୍ଚ ରୂପେ ସେମାନଙ୍କ ସେବା କରିବାର ସୁଯୋଗ ପାଇଛି। ଆମ ପଞ୍ଚାୟତର ଲୋକେ କିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବୁ ଯୋଜନାରୁ ସୁଫଳ ପାଇବେ ନେଇ ଗୁରୁତ୍ୱ ଦେଉଛି। ଗ୍ରାମଗୁଡ଼ିକର ପରିମଳ ଓ ଲୋକଙ୍କ ସ୍ୱଚ୍ଛଳ ଜୀବନ ଜୀବିକା ଉପରେ ଆଗକୁ କାର୍ଯ୍ୟ କରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ମାଡ଼କାପଦର ପଞ୍ଚାୟତର ସରପଞ୍ଚ ଡମ୍ବୁରୁ ଶିସା, ମଣ୍ଟୁ ଜେନା, ରିତୁ ପରିଛା, ଏମ୍. ଗୋକୁଳ, ନନ୍ଦ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିସ୍ଫୋରକ, ମାଓବାଦୀ ସାମଗ୍ରୀ ଜବତ



କୋମ୍ବିଂ ଅପରେଶନ ବେଳେ ଜଙ୍ଗଲରୁ ଠାବ

ମାଲକାନଗିରି,୧୪।୩ (ଡି.ଏନ୍.ଏ.)-ମାଲକାନଗିରି ଜିଲା ଜୋଡାମ୍ବ ଥାନା ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ବିଏସ୍‌ଏଫ୍ ଯବାନ କୋମ୍ବିଂ ଅପରେଶନ କରୁଥିବା ସମୟରେ ଯନ୍ତ୍ରୀ ପଞ୍ଚାୟତର ଆର୍ଲିଙ୍ଗପଡା ଗ୍ରାମ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ସେଠାରୁ ଯବାନମାନେ ବିପୁଳ ପରିମାଣର ବିସ୍ଫୋରକ ସହ ମାଓବାଦୀ ସାମଗ୍ରୀ ଜବତ କରଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୧୪ଟି ଡିଟୋନେଟର, ୭ଟି ଜିଲୋଟିନ ଷ୍ଟିକ୍, ଗୋଟିଏ ବଣ୍ଡଲ କଡେକ୍ସ ତାର, ବିଦ୍ୟୁତ୍ ତାର, ଛତା, ପୋଷ୍ଟର, ଟିଫିନ ବୋମା ଆଦି ସାମଗ୍ରୀ ରହିଛି। ଜବତ ସାମଗ୍ରୀ ଗୁଡିକ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ପୋଲିସ ସନ୍ଦେହ କରୁଛି। ତେବେ ଏହି ସମୟରେ ପୋଲିସକୁ ଦେଖି ମାଓବାଦୀମାନେ ଜଙ୍ଗଲ ଭିତରେ ଲୁଚି ଯାଇଥିବା ଜଣେ ସୀମା ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

# ସରକାରୀ ସ୍ତରରେ ନାହିଁ ବଜାର ବ୍ୟବସ୍ଥା, ଫାଇଦାରେ ବ୍ୟବସାୟୀ

### ଆଦିବାସୀଙ୍କୁ ରୋଜଗାର ଦେଉଛି ମହୁଲ ଫୁଲ

ମାଥିଲି,୧୪।୩ (ଡି.ଏନ.ଏ.)

ଆଦିବାସୀମାନଙ୍କୁ ରୋଜଗାର ଯୋଗାଉଛି ଋତୁକାଳୀନ ବନଜାତ ଦ୍ରବ୍ୟ ମହୁଲ। ବଣ ପାହାଡ ଘେରା ମାଲକାନଗିରି ଜିଲାର ପ୍ରମୁଖ ବନଜାତ ଦ୍ରବ୍ୟ ମଧ୍ୟରେ ଏହି ମହୁଲ ଫୁଲ ଅନ୍ୟତମ। ଫେବୃଆରୀ, ମାର୍ଚ୍ଚ,ଏପ୍ରିଲ ୩ ମାସ ଧରି ମହୁଲ ଫୁଲ ସଂଗ୍ରହ କରି ଆଦିବାସୀମାନେ ଏଥିରୁ ରୋଜଗାର କରିଥାନ୍ତି। ଏହାକୁ ସଂଗ୍ରହ କରିବା ପାଇଁ ପରିବାରର ଛୋଟପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ଲାଗିପଡନ୍ତି। ସେମାନେ ଜଙ୍ଗଲ ଓ ଜମିରେ ଥିବା ମହୁଲ ଗଛ ନିକଟରେ ଜଗି ରହନ୍ତି। ପୂର୍ବାହ୍ନରୁ ଅପରାହ୍ନଯାଏ ଯେତେ ଫୁଲ ପଡେ ସେସବୁ ସାଙ୍ଗରେ ନେଇଥିବା ଏକ ବାଉଁଶ ତିଆରି ଚାଙ୍ଗୁଡ଼ିରେ ସଂଗ୍ରହ କରିଥାନ୍ତି। ସେମାନଙ୍କ ଦ୍ୱାରା ଦିନକୁ ୫୦ରୁ ୬୦ କିଲୋ ମହୁଲ ସଂଗ୍ରହ ହୋଇଥାଏ। ତେବେ ସରକାରଙ୍କ ପକ୍ଷରୁ ମହୁଲ ଫୁଲ ବିକ୍ରି ଲାଗି ବଜାର ସୁବିଧା ଏଯାଏ କରାଯାଇ ନ ଥିବାରୁ ଏହାର ଲାଭ ଉଠାଉଛନ୍ତି ବାହାର ବ୍ୟବସାୟୀ। ପ୍ରତ୍ୟେକ ବର୍ଷ ମାଲକାନଗିରି ଜିଲାରୁ ବହୁ ପରିମାଣରେ ଟନ୍ ଟନ୍ ମହୁଲ ବାହାର ରାଜ୍ୟକୁ ଚାଲାଣ ହୋଇଥାଏ। ଜିଲାର ମାଥିଲି, ଖଇରପୁଟ, କୁଡ଼ୁମୁଲୁଗୁମା, ଚିତ୍ରକୋଣ୍ଡା, କୋରକୁଣ୍ଡା, ମାଲକାନଗିରି ଓ ପଡିଆ ବ୍ଲକରୁ ଅଧିକ ମହୁଲ ଫୁଲ ମିଳିଥାଏ। ସଂଗୃହୀତ ମହୁଲ ଫୁଲକୁ ଆଣି ସେମାନେ ଖରାରେ ଶୁଖାଇ ପରେ ନିକଟସ୍ଥ ହାଟ କିମ୍ବା ବ୍ୟବସାୟୀଙ୍କୁ ନେଇ ବିକ୍ରି କରିଥାନ୍ତି। କିଲୋପ୍ରତି ମହୁଲ ୧୬ରୁ ୧୮ ଟଙ୍କାରେ ବ୍ୟବସାୟୀମାନେ ସେମାନଙ୍କଠାରୁ କିଣି ଆନ୍ଧ୍ରପ୍ରଦେଶ, ଛତିଶଗଡ଼କୁ ଚାଲାଣ କରି କ୍ରୟ ଦରଠାରୁ ବହୁ ଅଧିକ ଦରରେ ବିକ୍ରି କରିଥାନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଦିଗରେ ପଦକ୍ଷେପ ନେଇ ବଜାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ଜଣେ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ପ୍ରଶାସନର ତତ୍ପରତା

ମାଲକାନଗିରି, ୧୪।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭର୍ଚୁଆଲ ମାଧ୍ୟମରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ, ବିଶାଲ ସିଂ ଅଧ୍ୟକ୍ଷତା କରି ଅଧିକାରୀମାନଙ୍କୁ କ୍ଷେତ୍ର ଗସ୍ତ କରି ଦାୟିତ୍ୱ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଳକୂପ ନିକଟରେ ଚୁଆ ଖୋଳି ଅବ୍ୟବହୃତ ଜଳକୁ ପଶୁପକ୍ଷୀଙ୍କ ପାନୀୟ ନିମନ୍ତେ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ପ୍ରତ୍ୟେକ ବ୍ଲକ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସଂପୃକ୍ତ ବ୍ଲକ ଲାଗି ନିୟୋଜିତ ଅଧିକାରୀ ଉତ୍ତରଦାୟୀ ରହିବେ ବୋଲି ଜିଲାପାଳ କହିଛନ୍ତି। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ବ୍ୟବସ୍ଥା କରାଯାଇଛି। ଜନସାଧାରଣଙ୍କ ନିମନ୍ତେ ଟୋଲ ଫ୍ରି ନମ୍ବର ୧୦୭୭ ଏବଂ ଲ୍ୟାଣ୍ଡ ଫୋନ ନମ୍ବର ୦୬୮୬୧-୨୩୧୩୭୧ରେ ଯୋଗାଯୋଗ କରି ସହାୟତା ନେବା ବ୍ୟବସ୍ଥା ହୋଇଛି। ସେହିପରି ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରେ ମଧ୍ୟ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରି ୪୮ ଘଣ୍ଟା ମଧ୍ୟରେ ଅଭିଯୋଗକୁ ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବନାଗ୍ନିକୁ ରୋକିବା ପାଇଁ ଅଗ୍ନିଶମ ଓ ବନବିଭାଗ ସମନ୍ୱୟ ରକ୍ଷା କରି ପଦକ୍ଷେପ ନେବାକୁ କୁହାଯାଇଛି। ପାନୀୟ ଜଳ ନିମନ୍ତେ ପୂର୍ବରୁ ଅଚଳ ହୋଇପଡିଥିବା ନଳକୂପ, ଜଳ ଯୋଗାଣ ପାଇପଗୁଡିକୁ ତୁରନ୍ତ ମରାମତି କରିବାକୁ ବିଡ଼ିଓମାନଙ୍କୁ କୁହାଯାଇଛି। ପଞ୍ଚାୟତ ଓ ସହରାଞ୍ଚଳ, ବଜାର, ହାଟ, ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଜଳ ଛତ୍ରର ବ୍ୟବସ୍ଥା, ଅଂଶୁଘାତ ରୋଗୀଙ୍କ ଚିକିତ୍ସା ଲାଗି ଜିଲାର ସବୁ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା କରି ସଜାଗ ରହିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ଶ୍ରମିକମାନଙ୍କୁ ଦିନ ୧୧ଟାରୁ ୩:୩୦ ମଧ୍ୟରେ କାର୍ଯ୍ୟ ପାଇଁ ବାରଣ ହୋଇଛି। ଏହାକୁ ଉଲ୍ଲଂଘନ କଲେ ସେମାନଙ୍କୁ ନିୟୋଜିତ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ସରକାରୀ ଓ ଘରୋଇ ବସରେ ସଚେତନତା ବାର୍ତ୍ତା ସହ ପାନୀୟ ଜଳ, ଫାଷ୍ଟଏଡ ବାକ୍ସ, ଓଆରଏସ୍ ରଖିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ କୁହାଯାଇଛି। ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ସହ ଗ୍ରାମାଞ୍ଚଳରେ ମୋବାଇଲ ଭ୍ୟାନ ସେବା ଯୋଗାଇଦେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି। ବୈଠକରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଠିକା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଧାରଣାରେ ବସିଥିବା ଠିକା କର୍ମଚାରୀ।

### ଅଧୀକ୍ଷକ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ବିଫଳ

କୋରାପୁଟ,୧୪।୩(ସ୍ୱ.ପ୍ର.)

୮ ଦିନ ହେଲା କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ନିଜ ଦାବିପୂରଣ ନେଇ ଧାରଣା ଦେଇଆସୁଥିଲେ। ଧାରଣାରେ ବସି ମଧ୍ୟ ସେମାନେ ନିଜ କାର୍ଯ୍ୟ ଜାରି ରଖିଥିଲେ। ତେବେ ମଙ୍ଗଳବାର ସେମାନେ ଆନ୍ଦୋଳନକୁ ତୀବ୍ର କରିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏଥିଯୋଗୁ ମେଡିକାଲର ଭିତର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡଛି। ମେଡିକାଲ ପକ୍ଷରୁ ଯେଉଁ ୫୮ ପଦବୀରେ ନିଯୁକ୍ତି ପ୍ରଦାନ କରାଗଲା ସେଥିରେ ଠିକା କର୍ମଚାରୀଙ୍କୁ ସାମିଲ କରାଗଲାନାହିଁ। ସେହି ପଦବୀଗୁଡିକରେ ନିଯୁକ୍ତି ଦେବାକୁ ଦାବି କରି ସେମାନେ ଆନ୍ଦୋଳନକୁ ବଢ଼ାଇଛନ୍ତି। ପୂର୍ବତନ ପୌରାଧକ୍ଷ ଭଗବାନ ବାହିନୀପତି, ସମାଜିକ କର୍ମୀ ରୁପକ ଡୁରକ, ମନୋଜ ଆଚାର୍ଯ୍ୟ ଉପସ୍ଥିତ ରହି ସେମାନଙ୍କ ଦାବିକୁ ସମର୍ଥନ କରିଥିଲେ। ଅପରାହ୍ନରେ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ସୀତାରାମ ମହାପାତ୍ର, ପ୍ରଶାସନିକ ଅଧିକାରୀ ମଧୁସ୍ମିତା ନାୟକ ଆନ୍ଦୋଳନରତ କର୍ମଚାରୀଙ୍କ ପାଖକୁ ଆସି ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ମାତ୍ର ସନ୍ତୋଷଜନକ ପ୍ରତିଶ୍ରୁତି ନ ମିଳି ବାରୁ ଆଲୋଚନା ବିଫଳ ହୋଇଥିଲା। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଠିକା କର୍ମଚାରୀ ସାବନ ଭଦ୍ରା କହିଛନ୍ତି। ଠିକା କର୍ମଚାରୀଙ୍କ ଦାବି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସମାଧାନ କରିବାକୁ ସମାଜିକ କର୍ମୀ ଡୁରୁକ ଅନୁରୋଧ କରିଛନ୍ତି। ସେହିପରି ପୂର୍ବତନ ପୌରାଧକ୍ଷ ବାହିନୀପତି ୫୮ ପଦବୀରେ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କ ସମସ୍ତ ପ୍ରମାଣପତ୍ର ପୁନଃଯାଞ୍ଚ କରିବାକୁ ଦାବି କରିଛନ୍ତି।

### ଭିନ୍ନକ୍ଷମ ଚିହ୍ନଟ ସର୍ଭେ ନେଇ ତାଲିମ ଶିବିର

ଜୟପୁର, ୧୪।୩ (ନି.ପ୍ର.)

ଜୟପୁର ବ୍ଲକ ସଭାଗୃହରେ ଭିନ୍ନକ୍ଷମ ଚିହ୍ନଟ ସର୍ଭେ ନେଇ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ରାଜୀବ ଦାସ, ସିଡିପିଓ ସୁଚିତା ପଣ୍ଡା , ବିଏସ୍‌ଏସ୍‌ଓ ନିଶା କେ.ଏସ.




ଉପସ୍ଥିତ ରହି ତାଲିମ ଦେଇଥିଲେ । ଏହି ତାଲିମରେ ୩୩୭ ଜଣ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ସାମିଲ ହୋଇ ତାଲିମ ନେଇଥିଲେ। ଶୂନ ବୟସ ଠାରୁ ୬ ବର୍ଷ ଯାଏ ରହିଥିବା ଭିନ୍ନକ୍ଷମ ମାନଙ୍କ ସର୍ଭେ କରାଯିବ। ୧୫ରୁ ୨୫ ତାରିଖ ଯାଏ ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଘର ଘର ବୁଲି ସର୍ଭେ କାର୍ଯ୍ୟ ହେବ। ୩୦ ତାରିଖରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ । ସୂଚନାଯୋଗ୍ୟ, ଗତ ବର୍ଷ ଜୟପୁର ବ୍ଲକରେ ୧୩୪ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ।

### ପୋଖରୀରୁ ଶିବ ଲିଙ୍ଗ ଉଦ୍ଧାର

ଭଞ୍ଜନଗର, ୧୪।୩(ଡି.ଏନ.ଏ)

ବେଲଗୁଣ୍ଠା ବ୍ରାହ୍ମଣ ସାହି ପୋଖରୀରୁ ମଙ୍ଗଳବାର ଏକ ଶିବ ଲିଙ୍ଗ ଉଦ୍ଧାର କରାଯାଇଛି। ଶିବ ଲିଙ୍ଗଟି ସିମେଣ୍ଟରେ ତିଆରି ହୋଇଥିବା ଅନୁମାନ କରାଯାଉଛି। ଲିଙ୍ଗଟି ପୋଖରୀକୁ କେଉଁଭଳି ପରିସ୍ଥିତିରେ ଆସିଲା ତାହା ଜଣାପଡୁନାହିଁ। ମଙ୍ଗଳବାର ସକାଳେ କେତେଜଣ ପୋଖରୀରେ ଗାଧୋଉଥିବା ବେଳେ ଜଣଙ୍କ ଗୋଡ଼ରେ ତାହା ବାଜିଥିଲା।

# ସୁଧୁରୁନି ସେମିଳିଗୁଡ଼ା-ନନ୍ଦପୁର ରାସ୍ତା ଅବସ୍ଥା



ଖରାପ ହୋଇଯାଇଥିବା ରାସ୍ତା।

ସେମିଳିଗୁଡ଼ା/ସୁନାବେଡ଼ା, ୧୪।୩(ସ୍ୱ.ପ୍ର.)

### ପ୍ରତିଶ୍ରୁତି ଦେଇ ଭୁଲିଯାଉଛନ୍ତି ଅଧିକାରୀ

ପୂର୍ତ୍ତ ବିଭାଗ ଅଧୀନରେ ଥିବା ସେମିଳିଗୁଡ଼ା -ନନ୍ଦପୁର ରାସ୍ତାର ସେମିଳିଗୁଡ଼ା ଟ୍ରାଫିକ ଛକଠାରୁ କୋଡ଼ି ଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ୨କି.ମି. ରାସ୍ତାର ଅବସ୍ଥା ଅତି ଖରାପ ହୋଇପଡ଼ିଲାଣି। ଏହି ରାସ୍ତାରେ ବହୁ ସରକାରୀ କାର୍ଯ୍ୟାଳୟ ସହ ଥାନା,ଆର୍‌ଆଇ ଅଫିସ,ଗ୍ରାମୀଣ ନ୍ୟାୟାଳୟ, କୋର୍ଟ, ବନ ବିଭାଗ କାର୍ଯ୍ୟାଳୟ ଏବଂ ମେଡିକାଲ ରହିଛି। ଏସବୁ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାସ୍ତାର ଦୁରବସ୍ଥା ପାଇଁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ମଧ୍ୟ ପାଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ବର୍ଷା ଦିନ ଶେଷ ହେବା ପରେ ରାସ୍ତାର ସ୍ଥାୟୀ ମରାମତି କରାଯିବ ବୋଲି କହିଥିଲେ। ଏବେ ବର୍ଷାଦିନ ସରି ପୁଣି ୨ମାସ ଗଲେ ଆଉ ଗୋଟିଏ ବର୍ଷାଋତୁ ଆସିବ, ତଥାପି ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିଶ୍ରୁତି ମନେପଡୁନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେଲେ ଲୋକେ ଏଣିକି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଲୋଚନା କଲେଣି।

# ଯାତ୍ରୀ ସୁରକ୍ଷା, ଦୋହରୀକରଣ କାର୍ଯ୍ୟ କଲେ ସମୀକ୍ଷା

### ଇଷ୍ଟକୋଷ୍ଟ ଜିଏମଙ୍କ କୋରାପୁଟ ଗସ୍ତ

କୋରାପୁଟ,୧୪।୩(ସ୍ୱ.ପ୍ର.)

ଇଷ୍ଟକୋଷ୍ଟ ରେଲୱେର ଜେନେରାଲ ମ୍ୟାନେଜର (ଜିଏମ) ମନୋଜ ଶର୍ମା ମଙ୍ଗଳବାର କୋରାପୁଟ ଗସ୍ତ କରିଥିଲେ। ବର୍ତ୍ତମାନ କୋରାପୁଟ-ରାୟଗଡା ରେଲଲାଇନ ଓ କୋରାପୁଟ-କିରୋଣ୍ଡଲ ରେଳ ଲାଇନରେ ଚାଲିଥିବା ଦୋହରୀକରଣ କାର୍ଯ୍ୟର ସେ ଅନୁଧ୍ୟାନ କରିଥିଲେ। ରେଲଯାତ୍ରୀଙ୍କ ସୁରକ୍ଷା ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ଏହି ଅଞ୍ଚଳରେ ରହିଥିବା ୧୬ଟି ରେଳ ଷ୍ଟେସନର ସାମଗ୍ରିକ ବିକାଶ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ସେ ସୂଚନା ଦେଇଥିଲେ। ଏବେ ଏହି ଦୁଇ ରେଳଲାଇନରେ କିଛି ସ୍ଥାନରେ ଦୋହରିକରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାରୁ ସେହି ଲାଇନରେ ରେଳ ଚଳାଚଳ କରୁଛି। ତେବେ ଗତ ୩ ମାସ ମାସରେ ୫/୬ଟି ଘଟିଥିବା ରେଳ ଦୁର୍ଘଟଣା ସମ୍ପର୍କରେ ଖବରଦାତାମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶର୍ମା କହିଲେ, କାର୍ଯ୍ୟ ଚାଲୁଥିବାରୁ ଏପରି ସାମାନ୍ୟ ତ୍ରୁଟି ରହିବା ସ୍ୱାଭାବିକ। ମାତ୍ର ରେଳ ବିଭାଗ ପକ୍ଷରୁ ଉପରୋକ୍ତ ତ୍ରୁଟିକୁ କିପରି ସୁଧାରାଯିବ ଏବଂ ଟ୍ରେନ କିପରି ଠିକ ସମୟରେ ଗନ୍ତବ୍ୟ ସ୍ଥଳକୁ ଯିବ ଏବଂ ପହଞ୍ଚିବ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ଉଦ୍ୟମ ଜାରି ରହିଥିବା ସେ ସୂଚନା ଦେଇଥିଲେ । ଜିଏମ କୋରାପୁଟ ଷ୍ଟେସନ ପରିଦର୍ଶନ କରିବା ସହ ଷ୍ଟେସନରେ ଚାଲିଥିବା ୪ ଓ ୫ ପ୍ଲାଟଫର୍ମ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ବିଭାଗୀୟ ଅଧିକାରୀମାନଙ୍କ ସହ ଦୋହରିକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହ ଡିଆରଏମ ଅନୁପ ଶତପଥୀ ଓ ବିଭାଗୀୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଜିଏମ ମନୋଜ ଶର୍ମାଙ୍କୁ ଅଧିକାରୀମାନେ ସ୍ୱାଗତ କରୁଛନ୍ତି।

# ତହସିଲଦାରଙ୍କୁ ଭେଟିଲେ ଶତାଧିକ ଚାଷୀ

ଜୟପୁର, ୧୪।୩ (ନି.ପ୍ର.)

କେନାଲ ତଳେ ଥିବା ଡଙ୍ଗର ଜମିକୁ ଧାନ ଜମିର ସ୍ୱତ୍ୱ ପରିବର୍ତ୍ତନ, ସେହି ଜମିଗୁଡିକର ଅମଳ ଧାନ ଆସନ୍ତା ରବି ମଣ୍ଡିରେ ବିକ୍ରି ପାଇଁ ସୁଯୋଗ ଦେବା ଦାବିକରି ମଙ୍ଗଳବାର ଜୟପୁର ଉପଖଣ୍ଡର ଶତାଧିକ ଚାଷୀ ତହସିଲଦାର ସାଗରିକା ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍ଗି ରାଓଙ୍କ ନେତୃତ୍ୱରେ ଚାଷୀମାନେ ଦାବିପତ୍ର ଦେଇ ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ଜୟପୁର ବ୍ଲକର ଚାଷୀମାନଙ୍କ ନାମ ଗତ ଖରିଫଋତୁରେ ପଞ୍ଜୀକୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଅନେକ ଚାଷୀଙ୍କ ଜମି ପଞ୍ଜୀକରଣର କଟିଯାଇଥିଲା। ଫଳରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିଲେ। କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଜମିର ସ୍ୱତ୍ୱ ପରିବର୍ତ୍ତନ କରି ଆସନ୍ତା ରବି ମଣ୍ଡିରେ ଅମଳ ଧାନ ବିକ୍ରି ନେଇ ଅନୁମତି ଦେବାକୁ ପ୍ରଶାସନକୁ ଅନୁରୋଧ କରାଯାଇଥିଲେ ମଧ୍ୟ ପ୍ରଶାସନ ଶୁଣି ନ ଥିଲା।



ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଇଥିବା ଚାଷୀ।

# ପାନୀୟଜଳ ମୁନ୍ଦେ ପାଉନାହାନ୍ତି ୫୦ ପରିବାର

- ୧୫ ଦିନ ପାଇପ ଜଳ ଯୋଗାଣ ପରେ ବନ୍ଦ
- ସପ୍ତାହେ ଭିତରେ ଜଳ ଯୋଗାଣ ନ ହେଲେ ଘେରାଉ
- ଜଳ ଯୋଗାଣ ବ୍ୟବସ୍ଥା ହେବ: ଯନ୍ତ୍ରୀ

କୋରୁକୋଣ୍ଡା,୧୪।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରରେ ଦେଖାଦେଇଛି ଜଳସଙ୍କଟ। ଇରିଗେଶନ କଲୋନିଠାରୁ ମାଝିମୁଣ୍ଡା ପୋଖରୀ ପର୍ଯ୍ୟନ୍ତ ବସବାସ କରୁଥିବା ୫୦ପରିବାର ପାନୀୟଜଳ ମୁନ୍ଦେ ପାଇଁ ହଇରାଣ ହେଉଛନ୍ତି। ମାଝିମୁଣ୍ଡା ପୋଖରୀ ମଧ୍ୟଭାଗରେ ଥିବା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଞ୍ଚଳ ମଧ୍ୟରେ ଦୁଇଟି ନଳକୂପ ରହିଛି। ମାତ୍ର ନଳକୂପ ପାଣି ପିଇବା ଉପଯୋଗୀ ହୋଇ ନ ଥିବାରୁ ତାହାକୁ ଲୋକେ ବ୍ୟବହାର କରୁନାହାନ୍ତି । ନଳକୂପ ପାଣିରୁ ଲୁହାଗୁଣ୍ଡ ବାହାରିବା ସହ ଲାଲପାଣି ବାହାରୁଛି। ଏପରି ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନକୁ ଅନେକ ଥର ଜଣାଇବା ପରେ ଉକ୍ତ ଅଞ୍ଚଳକୁ ପାଇପ ଯୋଗେ ପାଣି ଯୋଗାଇଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ କରି ୮ଟି ଷ୍ଟାଣ୍ଡପୋଷ୍ଟ ପଏଣ୍ଟ ବସାଇଥିଲା। ମାତ୍ର ୧୫ରୁ ୨୦ଦିନ ପାଇପରେ ପାଣି ଆସିବା ପରେ ବର୍ତ୍ତମାନ୨ମାସରୁ ଅଧିକ ଦିନ ହେଲା ଆଉ ପାଇପରେ ପାଣି ଆସୁନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀ ସୁଗଦ ଚରଣ ହେମ୍ବ୍ରମ୍‌ଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଅଞ୍ଚଳରେ ପାଣି ସମସ୍ୟା ଥିବା ନେଇ ଅବଗତ ଅଛନ୍ତି। ଜଳ ଯୋଗାଣ ଲାଗି ଥିବା ଟାଙ୍କିଟି ଡାକ୍ତରଖାନା ପରିସର ମଧ୍ୟରେ ଥିବାରୁ ବାହାରକୁ ପାଣି ଯୋଗାଇବା ସମ୍ଭବ ହେଉନାହିଁ। ପ୍ରଥମରୁ ଏଠାରୁ ହିଁ ଜଳ ଯୋଗାଣ ହେଉଥିଲା। ଆଗାମୀ ଦିନରେ କିଛି ଅନ୍ୟ ଉପାୟ କରି ସମ୍ପୃକ୍ତ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗୋଟେ ସପ୍ତାହ ମଧ୍ୟରେ ଆମ ଅଞ୍ଚଳକୁ ପାଇପ ଯୋଗେ ଜଳ ଯୋଗାଣ ନ ହେଲେ ଆମେ ପଞ୍ଚାୟତ ସମିତି ଘେରାଉ କରିବୁ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।



ନଳକୂପରୁ ବାହାରୁଥିବା ନାଲିପାଣି ମହିଳାମାନେ ବ୍ୟବହାର କରିବାକୁ ନେଉଛନ୍ତି।

# ଗିରଫ ତପନଙ୍କ ବିଜେଡି ଲିଙ୍କ୍ ରହିଛି: କଂଗ୍ରେସ

- ଅଭିଯୋଗ ଆଣି ଫଟୋ ଦେଖାଇ ପ୍ରମାଣ ଦେଲା ଦଳ
- ଔଷଧ ବିକଳରେ ଟାଟିଆ କାମୁଡୁଛି କଂଗ୍ରେସ: ବିଜେଡି
- ସରପଞ୍ଚଙ୍କ ମାଧ୍ୟମରେ ଛୋଟମୋଟ ଠିକା କାର୍ଯ୍ୟ କରୁଥିଲେ: ଯନ୍ତ୍ରୀ

ମାଲକାନଗିରି,୧୪।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଜାନବାଇଠାରେ ଥିବା ଜନସେବା କେନ୍ଦ୍ରରେ ଅର୍ଥ ଜମା କରୁଥିବା ଜମାକାରୀଙ୍କ ଅର୍ଥ ହଡପ କରି ଧରାପଡିବା ପରେ ନିଜକୁ ମାଓବାଦୀ ରୂପେ ପରିଚୟ ଦେଇ ସେମାନଙ୍କ ଧମକଚମକ ଦେଇ ସୋମବାର ତପନ ଶାହା ଗିରଫ ହୋଇଥିଲେ। ଏହି ଘଟଣା ଏବେ ରାଜନୈତିକ ରୂପ ନେଇଛି। ଏନେଇ କଂଗ୍ରେସ ସିଧାସଳଖ ବିଜେଡିକୁ ଟାର୍ଗେଟ କରିଛି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ପାତ୍ର, ଯୁବ ନେତା ଶ୍ରୀନିବାସ ରାଓ ଓ ଇଶାକ୍ ଖୋସଲା କହିଛନ୍ତି, ତପନ ନିଜ ଅଞ୍ଚଳରେ ବିଜେଡି ପକ୍ଷରୁ କାର୍ଯ୍ୟ କରୁଥିଲେ। ଗତ ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ରାଜନୈତିକ ସଭା ସମିତିରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ସହ ଗୋଟିଏ ମଞ୍ଚରେ ଉପସ୍ଥିତ ରହୁଥିବା ତାଙ୍କୁ ଦେଖିବାକୁ ମିଳୁଥିଲା। ଏ ସମ୍ପର୍କିତ ଫଟୋ ଦେଖାଇ ତପନଙ୍କ ବିଜେଡି ଲିଙ୍କ ରହିଥିବା କଂଗ୍ରେସ ନେତାମାନେ ଦାବି କରିଥିଲେ। ତପନ ମାଲକାନଗିରିର ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣର ଜଡିତ ଥିଲେ। ଧରାପଡି ଜେଲ୍‌ରେ ଥିଲେ। ୨୦୧୬ରେ ଜାମିନରେ ଆସି ବିଜେଡିରେ ଯୋଗଦେଇ ସେହି ଅଞ୍ଚଳର ଆଦିବାସୀ ଜମାକାରୀଙ୍କ ଅର୍ଥ ହଡପ କରୁଥିଲେ। ଚିତ୍ରକୋଣ୍ଡା ବ୍ଲକର ଜଣେ ଯନ୍ତ୍ରୀଙ୍କ ସହ ମିଶି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଠିକାକାମ ନେଇ ଅର୍ଥ ହେରଫେର କରିଥିଲେ ବୋଲି କଂଗ୍ରେସ ଆରୋପ ଲଗାଇଛି।

ଏ ସମ୍ପର୍କରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ପଚାରିବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଭୁବନେଶ୍ୱରରେ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା। ଏନେଇ ନବରଙ୍ଗପୁର ଏମ୍‌ପି ତଥା ବରିଷ୍ଠ ବିଜେଡି ନେତା ରମେଶ ମାଝି ପ୍ରତିକ୍ରିୟା ରଖିଛନ୍ତି। ତାଙ୍କୁ ପଚାରିବାରୁ ସେ କହିଲେ, ବିଜେଡି ସବୁବେଳେ ଗଣତନ୍ତ୍ରକୁ ବିଶ୍ୱାସ କରେ। ଅଭିଯୋଗ କରିବା କଂଗ୍ରେସ ଦଳର ପୁରୁଣା ଅଭ୍ୟାସ। ଯେଉଁ ରାଜନୈତିକ ନେତାଙ୍କ ସହ ଫଟୋ ନେଇ ସେମାନେ ଅଭିଯୋଗ ଉଠାଇଛନ୍ତି ତାହାର ଉତ୍ତର ରଖି ଏମ୍‌ପି କହିଲେ, ରାଜନେତାମାନେ ନିଜ ଅଞ୍ଚଳ ଗସ୍ତ ସମୟରେ ବିଭିନ୍ନ ଲୋକ ଆସି ତାଙ୍କ ସହ ଫଟୋ ଉଠାନ୍ତି। ଫଟୋ ଉଠାଇବା ଅର୍ଥ ନୁହେଁ ଯେ, ତାଙ୍କୁ ଆମେ ସମର୍ଥନ କରୁଛୁ। ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ କଂଗ୍ରେସ ନିଜ ସତ୍ତା ହରାଇଛି। ଏବେ ଔଷଧ ବିକଳରେ ଟାଟିଆ କାମୁଡି ଏଭଳି ମିଥ୍ୟା ଅଭିଯୋଗ କରୁଥିବା ସେ କହିଛନ୍ତି। ଚିତ୍ରକୋଣ୍ଡା ବ୍ଲକରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଯନ୍ତ୍ରୀ ନୟନ ସରଦାରଙ୍କୁ ପଚାରିବାରୁ ସେ କହିଲେ, ତପନଙ୍କ ସମ୍ପର୍କରେ ସେ ବିଶେଷ କିଛି ଜାଣିନାହାନ୍ତି। ସେ ସରପଞ୍ଚଙ୍କ ଜରିଆରେ ଛୋଟମୋଟ ଠିକା କାମ ନେଇ କରୁଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ଫଟୋ ଦେଖାଇ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତରଙ୍କୁ ଡାକ୍ତରଖାନା ନେଲେ ଉପଜିଲାପାଳ

#### କୁର୍ଲୁ ଘାଟି ନିକଟରେ ବାଇକ୍-୪୦୭ ଧକ୍କା

ନବରଙ୍ଗପୁର,୧୪।୩(ବି.ପ୍ର.)- କୁର୍ଲୁ ଘାଟି ନିକଟରେ ସଡ଼କ ଦୁର୍ଘଟଣାରେ ୩ ଗୁରୁତରଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଡାକ୍ତରଖାନା ପହଞ୍ଚାଇଲେ ଉପଜିଲାପାଳ ପ୍ରଶାନ୍ତ ରାଉତ। ସେଠାରେ ଏବେ ଆହତ ବିଜରାଗୁଡ଼ାର ରୋହିତ ହିଆଲ, ସୁଧାଂଶୁ ମାଝି, ଲୋମୁ ହରିଜନଙ୍କ ଚିକିତ୍ସା ଚାଲିଛି। ସୂଚନାନୁଯାୟୀ, ରୋହିତ, ସୁଧାଂଶୁ ଓ ଲୋମୁ ନବରଙ୍ଗପୁରରୁ ବାଇକରେ ଯାଉଥିବାବେଳେ କୁର୍ଲୁ ଘାଟି ନିକଟରେ ଏକ କୁକୁଡ଼ା ବୋଝେଇ ୪୦୭ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ସେମାନେ କିଛିବାଟ ଘୋଷାଡ଼ି ହୋଇ ଯିବା ସହ ଗୁରୁତର ହୋଇ ପଡ଼ି ରହିଥିଲେ। ସେହି ସମୟରେ ନବରଙ୍ଗପୁର ସହର ବଡ଼ ହରିଜନ ସାହିର ରାଜ ଲିମା ଏବଂ ସିଦ୍ଧାର୍ଥ ଯାଉଥିବାବେଳେ ଗୁରୁତରଙ୍କୁ ଦେଖି ସେଠାରେ ଅଟକି ଥିଲେ। ସେମାନେ ଗୁରୁତରଙ୍କୁ ବାଇକ୍‌ରେ ନେଇ ମେଡ଼ିକାଲ ବାହାରିବା ବେଳେ ଉପଜିଲାପାଳ ପ୍ରଶାନ୍ତ ରାଉତ ଘଟଣା ସମ୍ପର୍କରେ ରାଜ ଏବଂ ସିଦ୍ଧାର୍ଥଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ଉପଜିଲାପାଳ ଗୁରୁତରଙ୍କୁ ନିଜ ଗାଡ଼ିରେ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ସେଠାରେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ମଧ କରାଇଥିଲେ। ଉପଜିଲାପାଳଙ୍କ ଏହି ବଦାନ୍ୟତା ପାଇଁ ତାଙ୍କୁ ଏବେ ସମସ୍ତେ ପ୍ରଶଂସା କରୁଛନ୍ତି।

### ବାଲ୍ୟବିବାହ ରୋକିଲା ପ୍ରଶାସନ

ତେନ୍ତୁଲିଖୁଣ୍ଟି, ୧୪।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅଧୀନ ଲମତାଗୁଡା ପଞ୍ଚାୟତର ଏକ ଗାଁରେ ଜଣେ ନାବାଳିକାଙ୍କ ନିର୍ବନ୍ଧ ଖବର ପାଇ ପୋଲିସ ଓ ଅଧିକାରୀମାନେ ସେଠାରେ ପହଞ୍ଚି ତାହାକୁ ଅଟକାଇଛନ୍ତି। ତେନ୍ତୁଲିଖୁଣ୍ଟି ସିଡିପିଓ ସୁରମା ମହାପାତ୍ର, କଂଗ୍ରା ସୁପରଭାଇଜର ସବିତା ମାଲିକ ଓ ଲମତାଗୁଡା ସୁପରଭାଇଜର, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ପାର୍ବତୀ ହିଆଲ ପ୍ରମୁଖ ନାବାଳିକାଙ୍କ ଘରେ ପହଞ୍ଚି ଥିଲେ। ଏହାପରେ ଅଧିକାରୀ, ୱାର୍ଡ ସଭ୍ୟ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ବାଲ୍ୟ ବିବାହ ଏକ ଅପରାଧ। କମ୍ ବୟସରୁ ବାହକଲେ ଝିଅଙ୍କ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ନାବାଳିକାଙ୍କ ଅଭିଭାବକଙ୍କୁ ଅଧିକାରୀମାନେ ବୁଝାଇଥିଲେ। ସାବାଳିକ ହେବା ପରେ ହିଁ ଝିଅର ବାହାଘର କରିବେ ବୋଲି ନାବାଳିକାଙ୍କ ବାପା ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଶିବ ବିଷୋୟୀ, ଚୁମୁକି ଦଣ୍ଡସେନା, ଡମ୍ବରୁ ଧର ବିଷୋୟୀ, ଖଗପତି ବିଷୋୟୀ, ଖାତିଗୁଡା ଥାନା ଏଏସ୍‌ଆଇ ଦିଲ୍ଲୀପ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜିଠାରୁ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଉମରକୋଟ, ୧୪।୩(ସ୍ୱ.ପ୍ର.)- ଓଡ଼ିଶା ଡ୍ରାଇଭର ମହାସଂଘ ବୁଧବାର ଷ୍ଟିୟରିଂ ଛାଡ ଆନ୍ଦୋଳନ ଡାକରା ଦେଇଛି। ଏହାକୁ ମହାସଂଘର ଉମରକୋଟ ଶାଖା ସମର୍ଥନ କରୁଥିବା ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି। ୨ ବର୍ଷ ତଳେ ୧୦ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟସରକାରଙ୍କୁ ପ୍ରଦାନ କରାଯାଇଥିଲା। ସରକାର ମଧ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ସରକାର କୌଣସି ଦାବି ପୂରଣ କରିନାହାନ୍ତି। ଏହାର ପ୍ରତିବାଦରେ ମହାସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନରେ ଯୋଗ ଦେଉଛି ବୋଲି ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଦର୍ଗାଗୁଡ଼ା ନିକଟ କପା ଫ୍ୟାକ୍ଟ୍ରି ପାଖ ରାସ୍ତା ଉପରେ ବସି ବିକ୍ଷୋଭ ଦିଆଯିବ ବୋଲି ପ୍ରଦୀପ ବିଶ୍ୱାସ, ଜୟଦେବ ବେପାରୀ ଓ ତୁଳାରାମ ଦସ୍ତଖତ ଥିବା ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# 'ଆଦିବାସୀମାନେ ଶିକ୍ଷିତ ହେଲେ ମୁଖ୍ୟ ସ୍ରୋତକୁ ଆସିପାରିବେ'



ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ**

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.)୧୪।୩

ରାୟଗଡ଼ା ଜିସିଡ଼ି ହାଇସ୍କୁଲ ପଡିଆଠାରେ ମଙ୍ଗଳବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଯୋଗଦେଇ କଳା ଓ ସଂସ୍କୃତି ଆଦିବାସୀଙ୍କ ପରିଚୟ ବୋଲି କହିଥିଲେ। ଏବେ ବି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିନାହାନ୍ତି। ତର୍ଜମା କର ଆମକୁ ଏହାର କାରଣ ଖୋଜିବାକୁ ପଡିବ। ଆଦିମ ଜନଜାତିଙ୍କୁ ଶିକ୍ଷିତ ହେବାକୁ ପଡିବ। ସେମାନେ ଆଜିଠୁ ଶିକ୍ଷିତ ହେବାକୁ ସଂକଳ୍ପ ନିଅନ୍ତୁ ବୋଲି କହି ଜନଜାତିଙ୍କୁ ଉତ୍ସାହିତ କରିଥିଲେ । ଏଥିସହ ରାଜ୍ୟର ୬୨ଟି ଜନଜାତିକୁ ଏକଜୁଟ ହେବା ସହ ସେମାନଙ୍କର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ପଡ଼ିବ ବୋଲି ମଧ କହିଥିଲେ । ଓଡ଼ିଶାର ୯ଟି ଜିଲାର ଜନଜାତିଙ୍କ କଳା ଓ ସଂସ୍କୃତିକୁ ବଜାୟ ରଖିବାକୁ ସରକାରଙ୍କ ଗଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ମୂଳ ଉଦ୍ଦେଶ୍ୟ ବୋଲି ମାଝି କହିଥିଲେ । ସରକାର ଜନଜାତି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିକୁ ୨୬୭କୋଟି ଟଙ୍କା ଅନୁଦାନ ମଞ୍ଜୁରୀ ଦେଇଥିବା ସେ ସୂଚନା ଦେଇଥିଲେ। ରାୟଗଡ଼ା ଜିଲାର ପ୍ରତ୍ୟେକ ବ୍ଲକରେ ୧୦ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ଗୃହ ଓ ୩୫ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ମଣ୍ଡପ ସହିତ ରାୟଗଡ଼ାରେ ୧ କୋଟି ଟଙ୍କା ବ୍ୟୟରେ ଏକ କମ୍ୟୁନିଟି ଗୃହ ନିର୍ମାଣ କରାଯିବ ବୋଲି ମାଝି ସୂଚନା ଦେଇଛନ୍ତି । ଏଥିସହିତ ୩ କୋଟି ଟଙ୍କା ବ୍ୟୟରେ ରାୟଗଡ଼ାରେ ଏକ ଆଦିବାସୀ ସଂଗ୍ରହାଳୟ, ନାଟ୍ୟ ମଣ୍ଡପ ନିର୍ମାଣ କରାଯିବ। ଜିଲାର ୧୦ରୁ ୧୫ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଚୟନ କରି ବିଦେଶରେ ପାଠ ପଢ଼ିବା ଲାଗି ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ପ୍ରତି ଜିଲାରୁ ୫ଜଣ ଲେଖାଏ ଯୁବତୀଯୁବକଙ୍କୁ ପାଇଲଟ ଟ୍ରେନିଂ ନିମନ୍ତେ ବ୍ୟବସ୍ଥା କରାଯିବ ଓ କଲ୍ୟାଣସିଂହପୁର ବ୍ଲକରେ ଏହ ଶହୀଦ ସ୍ମୃତି ସ୍ଥଳ ନିର୍ମାଣ ବୋଲି ମାଝି ପ୍ରତିଶ୍ରୁତି ଦେଇଛନ୍ତି ।

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୟା ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଜିଲାପାଳ ସ୍ୱଧାଦେବ ସିଂ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷ ବନମାଳି କାଡ୍ରାକା, ରାୟଗଡ଼ା ଓ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା ଓ ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲାର ୬ଟି ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କୂଅରୁ ବାଲ୍‌ଟି କାଢ଼ିବାକୁ ଯାଇ ନାବାଳକ ମୃତ

ନନ୍ଦାହାଣ୍ଡି,୧୪।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାତୋଟାଗୁଡା ଗ୍ରାମରେ କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଡମ୍ବୁ ଭତରାଙ୍କ ପୁଅ ରମେଶ (୧୫)। ରମେଶଙ୍କ ଘର ନିକଟ କୂଅରେ ଏକ ବାଲ୍‌ଟି ପଡ଼ିଯାଇଥିଲା। ତାହାକୁ କାଢ଼ିବା ପାଇଁ ସେ କୂଅ ଭିତରରେ ପଶିଥିଲେ। ବାଲ୍‌ଟି କାଢ଼ି ବାହାରକୁ ଆସିବା ସମୟରେ ଗୋଡ଼ ଖସିଯିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ଉପରେ ଥିବା ଅନ୍ୟ ଯୁବକମାନେ ରମେଶଙ୍କୁ କୂଅରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଶୁଭେନ୍ଦୁ ବେହେରା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ଉମରକୋଟ ଓକିଲ ସଂଘ ନିର୍ବାଚନ

## ସଭାପତି, ସମ୍ପାଦକ ପଦବୀ ପାଇଁ ହେବ ନିର୍ବାଚନ

ଉମରକୋଟ, ୧୪।୩(ସ୍ୱ.ପ୍ର.)

ଉମରକୋଟ ଓକିଲ ସଂଘ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଉମରକୋଟ ଓକିଲ ସଂଘ ସଭାପତି ପଦ ପାଇଁ ସରକାରୀ ଓକିଲ ପ୍ରଶାନ୍ତ ସାହୁ ଏବଂ ବିପିନହିଆଲ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିଭଳି ସମ୍ପାଦକ ପଦବୀ ପାଇଁ ଶାନ୍ତନୁ ବାହିନୀପତି ଏବଂ ରାମକୃଷ୍ଣ ନାୟକଙ୍କ ମଧରେ ନିର୍ବାଚନ ହେବ। ମାର୍ଚ୍ଚ ୨୫ରେ ନିର୍ବାଚନ କରାଯାଇ ଉକ୍ତ ଦିନ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀନିବାସ ପଟ୍ଟନାୟକ ସୂଚନା ଦେଇଛନ୍ତି।

## କେଶରପାଡି ଗାଁରେ ପାନୀୟ ଜଳ ସମସ୍ୟା ସମାଧାନ ଲାଗି ପ୍ରୟାସ

ମୁନିଗୁଡ଼ା,୧୪।୩(ଡି.ଏନ୍.ଏ.)

ମୁନିଗୁଡା ବ୍ଲକ ଶିବପଦର ପଞ୍ଚାୟତ କେଶରପାଡି ଗାଁରେ ଉତ୍କଟ ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଯାଇ ଗୁହାରି କରିଥିଲେ। କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ସାମାଜିକ କର୍ମୀ କ୍ଷମାସାଗର ଦାସଙ୍କୁ ଭେଟି ସମସ୍ୟା କହିଥିଲେ। ସେ ବ୍ଲକ ପ୍ରଶାସନର ବିଭାଗୀୟ ଅଧିକାରୀଙ୍କୁ ଭେଟି କେଶରପାଡିରେ ଜଳ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମଙ୍ଗଳବାର ଆର୍‌ଡବ୍ଲୁଏସ୍ ଯନ୍ତ୍ରୀ ରମେଶ ମିଞ୍ଜ ଓ କୁନେନ୍ଦ୍ର ଜାଲିକାଙ୍କ ସହ ସାମାଜିକ କର୍ମୀ ଦାସ କେଶରପାଡି ଗାଁକୁ ଆସି ପାନୀୟ ଜଳ ସମସ୍ୟାର ଆଶୁ ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୩ ଦିନ ଭିତରେ ପୁରୁଣା ନଳକୂପକୁ ପୁନରୁଦ୍ଧାର କରାଯିବ ବୋଲି ଯନ୍ତ୍ରୀ ମିଞ୍ଜ କହିଛନ୍ତି । ଏବେ ଗାଁର ଲୋକେ ନଦୀର ଦୂଷିତ ପାଣି ବ୍ୟବହାର କରୁଥିବାରୁ ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାସ ନିବେଦନ କରିଥିଲେ।

## ନଦୀକୁ ଖସିପଡ଼ି ମହିଳା ମୃତ

ଦଶମନ୍ତପୁର,୧୪।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ମରିଚଗୁଡ଼ା ଗ୍ରାମର ଜଣେ ମହିଳା ମଙ୍ଗଳବାର ନଦୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଗ୍ରାମର ସ୍ୱର୍ଗତ ଅଭି ଜାନିଙ୍କ ସ୍ତ୍ରୀ ଲକ୍ଷ୍ମୀ (୫୫)। ପ୍ରତ୍ୟେକ ଦିନ ପରି ଲକ୍ଷ୍ମୀ ଗ୍ରାମଠାରୁ ୧.୫ କି.ମି. ଦୂରରେ ଥିବା ନିଜ ଜମିକୁ ଜଗିବା ପାଇଁ ଯାଇଥିଲେ। ଗୋଡ଼ ଖସିଯିବାରୁ ବିଲକୁ ଲାଗି ପ୍ରବାହିତ ହେଉଥିବା ନଦୀକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଯାଇଥିଲା। ମା' ଘରକୁ ନ ଫେରିବାରୁ ସକାଳୁ ତାଙ୍କ ବଡ଼ପୁଅ ସାଦୁ ଜାନି ଖୋଜିବାକୁ ଜମି ନିକଟକୁ ଯାଇ ନଦୀରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ସହ ଦଶମନ୍ତପୁର ଥାନାରେ ଜଣାଇଥିଲେ। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ନିର୍ମଳା ଲିମା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ନେହେରୁ ଯୁବକେନ୍ଦ୍ର ତରଫରୁ ଯୁବ ଉତ୍ସବ




ଯୁବ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ରାୟଗଡା ଅଫିସ/କୋଲନରା (ଡି.ଏନ୍.ଏ.) ,୧୪।୩

ରାୟଗଡ଼ା ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ତରଫରୁ ମିଟସ୍ କ୍ୟାମ୍ପସଠାରେ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ଯୁବଗୋଷ୍ଠୀଙ୍କୁ ଆତ୍ମବଳ, ସାହସ, ଲକ୍ଷ୍ୟ ପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ସେଖ ଅଲିନୁର, ମିଟସ୍‌ର ଚେୟାରମ୍ୟାନ ବାଳକୃଷ୍ଣ ପଣ୍ଡା, ଶିଶୁ ସୁରକ୍ଷା ଜିଲା ପରାମର୍ଶଦାତା ରତ୍ନେଶ୍ୱର ସାହୁ, ମିଟ୍‌ସ ପ୍ରିନ୍ସପାଲ ରାମାନୁଜ ନାୟକ, କ୍ଷେତ୍ର ପ୍ରଚାର ଅଧିକାରୀ, ଜୟପୁରର ଜ୍ୟୋତିରଞ୍ଜନ ପଟ୍ଟନାୟକ, ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଜିଲା ଯୁବ ଅଧିକାରୀ ଭି. ରମେଶଙ୍କ ସହିତ ନେହେରୁ ଯୁବକେନ୍ଦ୍ରର ଲେଖାପାଳ ଦ୍ୱିତୀୟା ବନଛୋର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଚିତ୍ରାଙ୍କନ, ନାଚ, ଗୀତ ଆଦି ବିଭିନ୍ନ କ୍ଷେତ୍ରରେ ଦକ୍ଷତାଥିବା ଯୁବ ପ୍ରତିଭାମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ବାଲ୍ୟ ବିବାହ ନିଷେଧ, ପରିବେଶ ସୁରକ୍ଷା, ବିଭିନ୍ନ ସରକାରୀ ଯୋଜନା ବିଷୟରେ ସଚେତନ କରିବା ଲାଗି ଷ୍ଟଲ ହୋଇଥିଲା। ଜିଲା ଯୁବ ଅଧିକାରୀ ରମେଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିବା ବେଳେ ନେହେରୁ ଯୁବ କେନ୍ଦ୍ର ସଂଗଠନର ଲେଖାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଡ଼ି ସହ ବିଦ୍ୟୁତ୍ ତାର ଜବତ, ୪ ଗିରଫ

ଚନ୍ଦ୍ରପୁର,୧୪।୩(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଗର୍ଲାଗୁଡ଼ି ଗ୍ରାମ ନିକଟରୁ ବିଦ୍ୟୁତ୍ ତାର କାଟି ଚୋରି କରିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାମସନ ବାଗ ସିଂ, ସୁଶୀଳ ବାଗସିଂ, ବରୁଣ ମୁଦ୍ରିଙ୍ଗା ଓ ସୁଶାନ୍ତ କୁମାର ଦାସ। ଅଭିଯୁକ୍ତମାନଙ୍କଠାରୁ ବ୍ୟାପକ ବିଦ୍ୟୁତ୍ ତାର, ଇନ୍ସୁଲେସନ ପିନ ଓ ଏକ ଟାଟା ମ୍ୟାଜିକ୍ ଗାଡ଼ି ଜବତ କରାଯାଇଛି।

ପ୍ରକାଶ ଯେ, ଅଭିଯୁକ୍ତମାନେ ତାର କାଟୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଚନ୍ଦ୍ରପୁର ସେକ୍ସନ ବିଦୁତ୍ୱ ବିଭାଗ ଯନ୍ତ୍ରୀ ସୁରଜ ଚନ୍ଦ୍ର ବିଶୋଇ ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।। ବିଷମ କଟକ ଅତିରିକ୍ତ ଆରକ୍ଷୀ ଅଧିକାରୀ ଆକାଶଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଆଶ୍ରିତା ଖାଲକ,ଏସଆଇ କରୁଣା କର ଧାରୁଆ, ବୀରେନ୍ଦ୍ର ରାୟ, ଏଏସଆଇ ଦିଲୀପ କୁମାର ମାଝୀ, କନଷ୍ଟେବଳ ଏ.କେ. ଶତପଥୀ, ରବୀନ୍ଦ୍ର ମୁଟିକା, ରାଜୀବ ବିଷମାଝୀ ଗର୍ଲାଗୁଡ଼ି ଗ୍ରାମ ନିକଟରେ ଚଢ଼ାଉ କରି ଗାଡିରେ ବୋଝେଇ ହେଉଥିବା ତାର ଜବତ କରିବା ସହ ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ଏ ନେଇ ଚନ୍ଦ୍ରପୁର ଥାନାରେ ନଂ.୧୮/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଓଡ଼ିଆ ଭାଷାର ସୁରକ୍ଷା ଲାଗି ଦାବିପତ୍ର

ରାୟଗଡ଼ା,୧୪।୩(ସ୍ୱ.ପ୍ର.)

ରାୟଗଡା ଜିଲା ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ତରଫରୁ ଜିଲାରେ ଓଡ଼ିଆ ଭାଷାର କାର୍ଯ୍ୟକାରିତା ନେଇ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡା ଜିଲା ଆନ୍ଧ୍ରପ୍ରଦେଶର ସୀମାନ୍ତରେ ଅବସ୍ଥିତ। ଏଠାରେ ତେଲୁଗୁ ଭାଷାର ବହୁଳ ବ୍ୟବହାର ହେଉଥିବା ବେଳେ ଜିଲାର ବିଭିନ୍ନ ବେସରକାରୀ ପ୍ରତିଷ୍ଠାନ ଓ ବାଣିଜ୍ୟିକ ସ୍ଥଳରେ ଥିବା ଫଳକରେ ଓଡ଼ିଆ ଭାଷାକୁ ଅତି କଦର୍ଯ୍ୟ ଭାବେ ଲେଖା ଯାଉଥିବା ଦେଖାଯାଉଛି। ଯାହାକି ଦୁଃଖ ଓ ପରିତାପର ବିଷୟ ହୋଇଛି। ଏହାଛଡା ଜିଲାର ନାମକୁ ବିଭିନ୍ନ ଅନୁଷ୍ଠାନରେ ରାୟଗଡ଼ ବଦଳରେ ରାୟଗଡ଼ା ଭାବେ ଲେଖାଯାଇଛି। ତେଣୁ ରାୟଗଡ଼ା ବଦଳରେ ରାୟଗଡ ଭାବେ ସଂଶୋଧନ କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଆସନ୍ତା ଏପ୍ରିଲରେ ଓଡ଼ିଆ ନବବର୍ଷ ଉପଲକ୍ଷେ ଜିଲାରେ ଥିବା ସିନେମା ହଲଗୁଡିକରେ ଓଡ଼ିଆ ସିନେମାର ପ୍ରସାର କରିବାକୁ ମାଲିକମାନଙ୍କୁ ନିର୍ଦ୍ଦେଶ ଦେବାକୁ ମଧ ଅନୁରୋଧ କରାଯାଇଛି । ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ପ୍ରଦାନ କରାଯାଇଛି। ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘର ସଭାପତି ଦୟାନନ୍ଦ ଖାଡାଙ୍ଗାଙ୍କ ନେତୃତ୍ୱରେ ଉପସଭାପତି ଶ୍ରୀନିବାସ ବଳିଆର ସିଂ, ସମ୍ପାଦକ ମନୋଜ କୁମାର ସାହୁ, ଉପଦେଷ୍ଟା ସରୋଜ କୁମାର ସାହୁ ଓ ସଭ୍ୟ ଜିତେନ୍ଦ୍ର ପାଢ଼ୀ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ କରାଯାଉଛି ।

# ଜେକେ ପେପର ମିଲ୍ ପକ୍ଷରୁ ସୁରକ୍ଷା ସପ୍ତାହ




ଉଦଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

ରାୟଗଡ଼ା(ସ୍ୱ.ପ୍ର.)/ଜେକେପୁର (ଡି.ଏନ୍.ଏ.),୧୪।୩

ଜେକେ ପେପର ମିଲ୍ ପକ୍ଷରୁ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ୫୨ତମ ସୁରକ୍ଷା ସପ୍ତାହ ସୋମବାର ଉଦଯାପିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଜେକେ ପେପର ମିଲର ଉପସଭାପତି(ବାଣିଜ୍ୟ) ବିଶ୍ୱଜିତ ଦ୍ୱିବେଦୀ ଏବଂ ଫ୍ୟାକ୍ଟରି ଓ ବଏଲର ସହକାରୀ ନିର୍ଦ୍ଦେଶକ ରଞ୍ଜିତ କୁମାର ନାୟକଙ୍କ ଉପସ୍ଥିତିରେ ସୁରକ୍ଷା ପତାକା ଉତ୍ତୋଳନ କରାଯାଇଥିଲା । ଏହି ସୁରକ୍ଷା ସପ୍ତାହ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ କମ୍ପାନୀ କର୍ମଚାରୀ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏଥିସହିତ କମ୍ପାନୀ କର୍ମଚାରୀ ଓ ଜେକେ କଲୋନୀର ମହିଳାଙ୍କୁ ସୁରକ୍ଷା ଉପରେ ବିଭିନ୍ନ ତାଲିମ ପ୍ରଦାନ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଫ୍ୟାକ୍ଟରି ଓ ବଏଲର ଜୋନାଲ ସହକାରୀ ନିର୍ଦ୍ଦେଶକ ନାୟକ ଏବଂ ରାୟଗଡ଼ା ଡିଭିଜନ ଡେପୁଟି ଡାଇରେକ୍ଟର ଏସ.ଏନ.ସେଠୀ ଯୋଗଦେଇଥିଲେ । ଜେକେ ପେପର ମିଲରେ ୨୦୨୨ରେ କୌଣସି ଦୁର୍ଘଟଣା ଘଟି ନ ଥିବାରୁ ଉପସ୍ଥିତ ଅତିଥି କର୍ମଚାରୀମାନଙ୍କ ପ୍ରଶଂସା କରିଥିଲେ। ଏହି ଅବସରରେ କର୍ମଚାରୀଙ୍କ ଦ୍ୱାରା ସୁରକ୍ଷା ଉପରେ ଏକ ସେଫ୍ଟି ସ୍କିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଦିବ୍ୟାଙ୍ଗ ଚିହ୍ନଟ, ପରିଚୟପତ୍ର ପ୍ରଦାନ ଶିବିର

ମୁନିଗୁଡ଼ା,୧୪।୩(ଡି.ଏନ୍.ଏ.)

ମୁନିଗୁଡା କମ୍ୟୁନିଟି ହଲ ପରିସରରେ ଜିଲାର ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଭିନ୍ନକ୍ଷମମାନଙ୍କ ଶାରୀରିକ ପରୀକ୍ଷା କରି ସେମାନଙ୍କୁ ଚିହ୍ନଟ କରିବା ସହିତ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ଶିବିରରେ ମୁନିଗୁଡା, ବିଷମକଟକ ଓ ଚନ୍ଦ୍ରପୁର ବ୍ଲକକୁ ନେଇ କ୍ଲଷ୍ଟରସ୍ତରୀୟ ସ୍ୱତନ୍ତ୍ର ଶିବିର ହୋଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ବିଡ଼ିଓ ପ୍ରିତମ କୁମାର ତନ୍ତୀ,ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ଆଦର୍ଶ କୁସୁଲିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ସବ ଡିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ ଏଲ.ସନ୍ତୋଷ କୁମାର, ଜିଲା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଶିବିରରେ ମୁନିଗୁଡା ବ୍ଲକରୁ ୬୦, ବିଷମକଟକ ବ୍ଲକରୁ ୨୪ ଓ ଚନ୍ଦ୍ରପୁର ବ୍ଲକରୁ ୨୯ ଜଣ ଏପରି ମୋଟ ୧୧୩ ଜଣ ହିତାଧିକାରୀ ଓ ବିଭିନ୍ନ ରୋଗୀ ପଞ୍ଜୀକରଣ କରିଥିଲେ। ସାମାଜିକ ସୁରକ୍ଷା କର୍ମଚାରୀ ସୁରଜ ମଲ୍ଲିକ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୈଳାଶ ପାତ୍ର, ପ୍ରଭାକର ନାଲା,ସୁନୀଲ ଯାଦବ, ରାଧାନାଥ ଷଡ଼ଙ୍ଗୀ, ଗଣେଶ ପୂଜାରୀ, ମଙ୍ଗୁଲୁ ପୀଡିକାକା, ରମେଶ ତୁଲ, ବିଆରସି ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



ଦିବ୍ୟାଙ୍ଗ ଚିହ୍ନଟ ଲାଗି ପଞ୍ଜୀକରଣ କରାଯାଉଛି।

# ନବୀକରଣ ହେବ ରେଲୱେ ଷ୍ଟେଶନ ରାସ୍ତା

ଟିକିରି,୧୪।୩(ଡି.ଏନ୍.ଏ.)

କାଶୀପୁର ବ୍ଲକ ଟିକିରି ରେଲୱେ ଷ୍ଟେଶନ ରାସ୍ତାର ନବୀକରଣ ପାଇଁ ସ୍ଥାନୀୟ ତହସିଲଦାର ଶରତ ଶବରଙ୍କ ଉପସ୍ଥିତରେ ଜମି ଚିହ୍ନଟ କରାଯାଇଛି। ରେଲୱେ ସହକାରୀ ଯନ୍ତ୍ରୀ ଏବଂ ଟିକିରି ଆର୍‌ଆଇ ବନମାଳୀ ସାହୁ ପ୍ରମୁଖଙ୍କ ସହିତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ରାସ୍ତା ମାପଚୁପ କରିଥିଲେ।

ଟିକିରି ରେଞ୍ଜ ଅଫିସ ଛକଠାରୁ ନକଟିଗୁଡ଼ା ଛକ ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇ ପଡିଥିବା ରାସ୍ତା ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ। ଏଥିପାଇଁ ସେମାନେ ରେଲରୋକୋ ଚେତାବନୀ ମଧ ଦେଇଥିଲେ। ରେଲବାଇ ୱାଲଟିୟର ଡିଭିଜନର ଏସିଏମ ଏମ୍. ଚକ୍ରବର୍ତ୍ତୀ ଏଥିରେ ହସ୍ତକ୍ଷେପ କରି ସ୍ଥାନୀୟ ପୋଲିସ ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ତୁରନ୍ତ ରାସ୍ତା କାମ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରେଲରୋକୋ ନିଷ୍ପତ୍ତି ସ୍ଥଗିତ ରହିଥିଲା। ପୂର୍ବରୁ ଏହି ରାସ୍ତା ରେଳବିଭାଗର ନୁହେଁ ବୋଲି ଦର୍ଶାଯାଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ ପରେ ଷ୍ଟେଶନକୁ ଯିବା ରାସ୍ତା ରେଳ ବିଭାଗର ବୋଲି ସ୍ପଷ୍ଟ ହୋଇଛି। ଏହି ରାସ୍ତାରେ ଭାରିଯାନ ସହିତ ଅନ୍ୟାନ୍ୟ ଗାଡ଼ିମୋଟର ଯାତାୟତ କରୁଥିବାରୁ ଏହାର ସ୍ଥାୟିତ୍ୱ ପାଇଁ ଉଭୟ ପାର୍ଶ୍ୱରେ ଡ୍ରେନ ଏବଂ ଚଟାଣ ପେଭର ବ୍ଲକରେ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ରାସ୍ତା ଚିହ୍ନଟ ବେଳେ ପୋଲିସ ଏସଆଇ ଏମ୍. ଜେନାଙ୍କ ନେତୃତ୍ୱରେ ଫୋର୍ସ ଉପସ୍ଥିତ ଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।



ରାସ୍ତା ମାପଚୁପ କରାଯାଉଛି।

